## ସଂକ୍ଷେପରେ

### ଗଜବାହଲରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବିଷମ କଟକ, ୭।୨ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଗଜବାହାଲଠାରେ ଚଳିତ ଖରିଫ ଋତୁର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ବିଷମ କଟକ ଲ୍ୟାମ୍ପସ ଏମ.ଡି ସାନ୍ତୁନୁ ସାହୁଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ମଣ୍ଡିକୁ ବୁଧବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ, ଲ୍ୟାମ୍ପ ଡାଇରେକ୍ଟର ରବୀନ୍ଦ୍ର ନାଥ ପଣ୍ଡା, ତ୍ରିନାଥ ଗୌଡ, ଡି.ଶିବପ୍ରସାଦ, ସୁମନ ବେହେରା, ନିରଞ୍ଜନ ଗୌଡ , ଓଡିଶା ମିଲେଟ ମିଶନର ସଂଯୋଜକ ତ୍ରିପତି ରାୟଗୁରୁ, ଲକ୍ଷ୍ମୀକାନ୍ତ ସିଂ, ଲ୍ୟାମ୍ପସର ସୁରେଶ ଶୈଳେନ୍ଦ୍ରି, ମହେଶ୍ୱର କନ୍ହେଇ, ସମସ୍ତ କର୍ମଚାରୀ ଏବଂ ଚାଷୀମାନେ ଉପସ୍ଥିତ ଥିଲେ । ଏହି ମଣ୍ଡି ସପ୍ତାହର ପ୍ରତ୍ୟେକ ବୁଧବାର ଦିନ ଖୋଲିବ ବୋଲି ସୂଚନା ରହିଛି ।

### ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା, ସ୍ୱାମୀ ଗିରଫ

ବ୍ରହ୍ମପୁର,୭।୨ (ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଶକ୍ତିନଗର ତୃତୀୟ ଲାଇନରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଶିବାନୀ ଆଚାର୍ଯ୍ୟ(୨୫)। ଶିବାନୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ଝିଅକୁ ମାରି ଝୁଲାଇ ଦିଆଯାଇଛି ବୋଲି ଶିବାନୀଙ୍କ ମା’ ଗେଟବଜାର ରମ୍ଭା ସାହିର ସବିତା ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ସ୍ୱାମୀ କେ.ଚକାଡୋଲା ଆଚାରୀଙ୍କୁ ବାନ୍ଧିଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୭ ଅକ୍ଟୋବରରେ ଶିବାନୀଙ୍କୁ ଚକାଡୋଲା ପ୍ରେମ ବିବାହ କରିଥିଲେ। ଚକାଡୋଲା ଏକ ଫାଇନାନ୍ସ ସଂସ୍ଥାରେ କାମ କରୁଛନ୍ତି। ବିବାହ ପରେ ଶକ୍ତିନଗରଠାରେ ଉଭୟେ ଭଡାଘରେ ରହୁଥିଲେ। ସେମାନଙ୍କର ୨ଟି ସନ୍ତାନ। ବିବାହର କିଛି ଦିନ ପରେ ବାପଘରୁ ଯୌତୁକ ଆଣିବାକୁ ଚକାଡୋଲା ଶିବାନୀଙ୍କ ଉପରେ ବାରମ୍ବାର ଚାପ ପକାଉଥିଲେ।୧୦ ଲକ୍ଷ ଟଙ୍କା ଆଣିବାକୁ ବାଧ କରୁଥିବାରୁ ଅଧିକାଂଶ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହେଉଥିଲା। ମଙ୍ଗଳବାର ଝିଅ ମୃତ୍ୟୁ ଖବର ଶୁଣି ମା’ ସବିତା ମିଶ୍ର ଶକ୍ତିନଗରଠାରେ ପହଞ୍ଚିଥିଲେ। ତେବେ ରାତି ହୋଇଯାଇଥିବାରୁ ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି।

### ପ୍ରତାରଣା ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର,୭।୨ (ସୁବାସ ଚନ୍ଦ୍ର ପାଢ଼ୀ)

ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭାବିନୀପୁର ଗ୍ରାମର ମାଗତା ଦାସ। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ମାଗତା ବିବାହିତ ହୋଇଥିଲେ ମଧ୍ୟ କନିଷି ଅଞ୍ଚଳର ଜଣେ ଯୁବତୀଙ୍କୁ ମିଛ କହି ପ୍ରେମ କରୁଥିଲେ। ଏପରିକି ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଜଣଙ୍କ ବିବାହ କରିବାକୁ ଜିଦ କରିବାରୁ ତାଙ୍କୁ ଧମକ ଦେଇଥିଲେ। ପରେ ମାଗତା ବିବାହିତ ବୋଲି ପୀଡ଼ିତା ଜାଣିବା ପରେ ଅନ୍ୟତ୍ର ବିବାହ କରିବାକୁ ସ୍ଥିର କରିଥିଲେ। ହେଲେ ତାଙ୍କ ବିବାହ ଠିକ ହେବା ପୂର୍ବରୁ ପ୍ରସ୍ତାବକୁ ମାଗତା ଭାଙ୍ଗି ଦେଉଥିଲେ। ଶେଷରେ ଯୁବତୀ ଜଣଙ୍କ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ନଂ ୩୫/୨୪ରେ ପୋଲିସ ଏକ ମାମଲା ରୁଜୁ କରିଛି।

### ମସ୍ତିଷ୍କ ମ୍ୟାଲେରିଆରେ ଜିଆର୍‌ଏସ୍‌ଙ୍କ ମୃତ୍ୟୁ

ପାତ୍ରପୁର,୭।୨ (ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଜୟନ୍ତୀପୁର ଓ ବାଦପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ ତାରିଣୀ ଚରଣ ପତି(୪୩)ଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମସ୍ତିଷ୍କ ମ୍ୟାଲେରିଆରେ ବୁଧବାର ମୃତ୍ୟୁ ଘଟିଛି। ପାତ୍ରପୁର ବିଡିଓ ସୁମନ ସୁଧା କୁଣ୍ଠ,ଏପିଓ ପ୍ରଣତି ପୁରୋହିତ ପ୍ରମୁଖଙ୍କ ସହ ପାତ୍ରପୁର ବ୍ଲକର ସମସ୍ତ ଗ୍ରାମ ରୋଜଗାର ସେବକ, ବ୍ଲକର ବହୁ କର୍ମଚାରୀଙ୍କ ସହ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।

# ଭୋଟଦାନ କେନ୍ଦ୍ର ନାମ, ସ୍ଥାନ ପରିବର୍ତ୍ତନ ନେଇ ଜିଲାପାଳଙ୍କ ସମୀକ୍ଷା

ରାୟଗଡ଼ା,୭।୨ (ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ଜିଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

ରାୟଗଡ଼ା ଜିଲାରେ ୩ଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୋଟଦାନ କେନ୍ଦ୍ରର ନାମ ଓ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ବୁଧବାର ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି ବୈଠକରେ ମୁଖ୍ୟତଃ ଭୋଟଦାନ କେନ୍ଦ୍ରର ନାମ ଓ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ରାଜନୈତିକ ଦଳଗୁଡ଼ିକୁ ଅବଗତ କରାଇବା ଉପରେ ଆଲୋଚନା ହୋଇଥିଲା।

ପ୍ରକାଶ ଯେ, ଜିଲାର ରାୟଗଡ଼ା, ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀର କେତେକ ଭୋଟ କେନ୍ଦ୍ରର ନାମ ପରିବର୍ତ୍ତନ ଓ ସ୍ଥାନ ପରିବର୍ତ୍ତନ କରାଯାଇଛି । ଗୁଣପୁର ନିର୍ବାଚନମଣ୍ଡଳୀର ୭୮ ଭୋଟଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଥିବା ବେଳେ ଗୋଟିଏ ଭୋଟ ଦାନ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରାଯାଇଛି । ସେହିପରି ବିଷମକଟକ ନିର୍ବାଚନମଣ୍ଡଳୀର ୪ ଭୋଟଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଥିବା ବେଳେ ଗୋଟିଏ ସ୍ଥାନ ପରିବର୍ତ୍ତନ କରାଯାଇଛି । ସେହିପରି ରାୟଗଡା ନିର୍ବାଚନମଣ୍ଡଳୀର ଗୋଟିଏ ଭୋଟଦାନ କେନ୍ଦ୍ର ନାମ ପରିବର୍ତ୍ତନ କରାଯାଇଛି । ଏହି ପରିବର୍ତ୍ତନ ଫଳରେ ଗୁଣପୁର ନିର୍ବାଚନମଣ୍ଡଳୀର ୨୮୪ ଭୋଟଦାନ କେନ୍ଦ୍ରରୁ ବୃଦ୍ଧି ପାଇ ୨୮୯ ଭୋଟ କେନ୍ଦ୍ର, ବିଷମକଟକ ନିର୍ବାଚନମଣ୍ଡଳୀର ୨୮୯ରୁ ବୃଦ୍ଧି ପାଇ ୨୯୩ ହୋଇଛି। ସେହିପରି ରାୟଗଡ଼ା ନିର୍ବାଚନମଣ୍ଡଳୀର ୨୯୮ ଭୋଟକେନ୍ଦ୍ରରୁ ବୃଦ୍ଧି ପାଇ ୩୦୧ଟି ଭୋଟଦାନ କେନ୍ଦ୍ର ହୋଇଛି । ଏହି ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଡେପୁଟି କଲେକ୍ଟର ସୂର୍ଯ୍ୟମଣି ଭୋଇ, ସହକାରୀ ଜିଲାପାଳ ମୃତ୍ୟୁଞ୍ଜୟ ବରାଳ ଓ ଗୁଣପୁର ସହକାରୀ ଜିଲାପାଳ ସତ୍ୟଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରୁ କଂଗ୍ରେସ ତରଫରୁ ଶଙ୍କର୍ଷଣ ମଙ୍ଗରାଜ, ବିଜୁ ଜନତା ଦଳରୁ ଦେବାଶିଷ ଖାଡ଼ଙ୍ଗା, ଭାରତୀୟ ଜନତା ପାର୍ଟି ତରଫରୁ କେ. ଅଶ୍ୱିନୀ, ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଜେ. ସେନାପତି ଓ ସନ୍ତୋଷ ପାଇକ ଓ ଅନ୍ୟମାନେ ଯୋଗଦେଇଥିଲେ।

# ଦଶାହକୁ ଗଲାବେଳେ ଟଳିପଡ଼ିଲେ ଶିକ୍ଷକ

ଟିକିରି,୭।୨ (ପ୍ରଫୁଲ୍ଲ କୁମାର ବେହେରା)

ମୃତ୍ୟୁ କାହା ପାଖକୁ କେତେବେଳେ ଆସେ, ତାହା କେହି ଜାଣି ନ ଥାନ୍ତି। ରାୟଗଡ଼ାରେ ଜଣେ ଶିକ୍ଷକ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବାଇକ୍ ଯୋଗେ ଯାଉଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ରାସ୍ତା ଉପରେ ଟଳି ପଡ଼ିଥିଲେ। ତାଙ୍କୁ ମେଡିକାଲକୁ ନିଆଯାଇଥିବାବେଳେ ସେ ଗୋଟେ ଦିନ କୋମାରେ ରହିଥିଲେ। ବୁଧବାର ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅନ୍ତର୍ଗତ ଶିନ୍ଦେରପଦର ଗ୍ରାମର ଶିକ୍ଷକ ସୁଶୀଲ ସାଉନ୍ତା ଶନିବାର ବାଇକ ଯୋଗେ ସ୍ତ୍ରୀଙ୍କ ସହ ରାୟଗଡ଼ାରୁ ଏକ ଦଶାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିଜ ଗାଁ ସିନ୍ଦେରପଦର ଯାଉଥିଲେ। ବାଙ୍କାମା ଗ୍ରାମ ଅତିକ୍ରମ କରି କିଛି ବାଟ ଗଲା ପରେ ହଠାତ୍ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ବାଇକରୁ ଓହ୍ଲାଇ ରାସ୍ତାରେ ଶୋଇପଡ଼ିଥିଲେ । ତାଙ୍କ ସ୍ତ୍ରୀ ଓ କେତେଜଣ ଲୋକ ଅଟୋ ଯୋଗେ ତାଙ୍କୁ ପ୍ରଥମେ ଟିକିରିସ୍ଥିତ ଓଷାପୋଡ଼ା ଉତ୍କଳ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ କୋମା ଅବସ୍ଥାରେ ରହି ଚିକିତ୍ସିତ ହେଉଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପ୍ରଧାନ ଶିକ୍ଷକ ଭାବେ ମାଙ୍କଡ଼ଖୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଏବଂ ଉଚ୍ଚକୋଟିର ଶିକ୍ଷାଦାନ ଯୋଗୁ ସମଗ୍ର ଅଞ୍ଚଳରେ ବେଶ୍ ନାମ ଅର୍ଜନ କରିଥିଲେ। ସୁଶୀଲଙ୍କ ଦେହାନ୍ତ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବିଷମ କଟକ, ୭।୨ (ବିଭୂତି ଭୂଷଣ ନାୟକ)

ରାୟଗଡା ଜିଲା ବିଷମ କଟକସ୍ଥିତ କଲ୍ୟାଣ ମଣ୍ଡପଠାରେ ପଞ୍ଚୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଜିଲା ପରିଷଦ ସଦସ୍ୟା ସୁଜାତା କାଡ୍ରାକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମକଟକ ସରପଞ୍ଚ ନମିତା କୁଲସିକା ,ଆମ ଓଡିଶା ନବୀନ ଓଡିଶାର ଜଲା ସଂଯୋଗ ପି.ଗୌରୀ ପ୍ରସାଦ, ବରିଷ୍ଠ ବିଜେଡି ନେତା ଡି. ଶିବପ୍ରସାଦ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପଞ୍ଚାୟତ ଅଧିକାରୀ ରାଜେନ୍ଦ୍ର ନାରାୟଣ ବ୍ରହ୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ବିବରଣୀର ଏକ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବା ପୁସ୍ତକ ଉପସ୍ଥିତ ପଞ୍ଚାୟତ ବାସୀଙ୍କୁ ପ୍ରଦାନ କରାଯାଇଥିଲା। ଶିଶୁ ବିକାଶ ପ୍ରକଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ, ଧାର୍ମିକ ଅନୁଷ୍ଠାନ ରୂପାନ୍ତରକରଣ, କ୍ରୀଡା ଭିତ୍ତିଭୂମିର ବିକାଶ ସାଙ୍ଗକୁ ଯାତ୍ରୀ ପରିବହନ ବ୍ୟବସ୍ଥାରେ ଲକ୍ଷ୍ମୀ ଯୋଜନା ବିଷୟରେ ଅବଗତ କରାଯାଇଥିଲା।

# ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ପ୍ରସାରକୁ ଗୁରୁତ୍ୱ

ପଟ୍ଟାଙ୍ଗି,୭।୨ (ଶରତ ଧଳ)

ବ୍ଲକ ସୀମାନ୍ତ ଅଞ୍ଚଳରେ କିପରି ଓଡ଼ିଆ ଭାଷାର ପ୍ରସାର ଓ ଗୁରୁତ୍ୱ ବଢ଼ିବ ସେନେଇ ବ୍ଲକ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ବ୍ଲକ ପ୍ରଶାସନ ଶିଶୁ ସାହିତ୍ୟ କର୍ମଶାଳା ଆୟୋଜନ କରି ଓଡ଼ିଆ ଭାଷାର ପ୍ରଚାରପ୍ରସାରକୁ ପ୍ରେରଣା ଦେଉଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଶିଶୁ ସାହିତ୍ୟ କର୍ମଶାଳାରେ ଓଡ଼ିଆ ଭାଷାକୁ କିପରି ସୀମାନ୍ତବାସୀ ଗୁରୁତ୍ୱ ଦେବେ ସେନେଇ ବ୍ଲକର ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହେବା ସହ ଏକ କମିଟି ଗଠନ ହୋଇଛି। ‘ଶିଶୁ ପ୍ରାଣେ ଭର ସାହିତ୍ୟ ଭାବ, ଆମେ ଶିଶୁ ହିଁ ତ ଦେଶ ବିଭବ’ ଏବଂ ଆମେ ପଢିବା ଆମେ ଗଢିବା ସ୍ଲୋଗାନ ରହିଛି। ଏହି କର୍ମଶାଳାକୁ ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତର ୮ ସୀମାନ୍ତ ଗ୍ରାମରେ ଭାଷାଭିତ୍ତିକ କାର୍ଯ୍ୟକ୍ରମ କରିବାକୁ କମିଟିରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଆଲମେ ଫୁଲ, ସମିତିସଭ୍ୟା ଶିବାନୀ ନାୟକ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମିଲ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଅମିୟ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ ।

# ଡେପୁଟି କଲେକ୍ଟରଙ୍କ କାର୍ଯ୍ୟରେ ଯୋଗଦାନ

ଗୁଣପୁର, ୭।୨ (ପ୍ରଦୀପ କୁମାର ପାଢ଼ୀ)



ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଶାସନିକ ସେବା ଡେପୁଟି କଲେକ୍ଟର ଭାବେ ସୁଶ୍ରୀ ଦୀପ୍ତିମୟୀ ପାତ୍ର ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ସୁଶ୍ରୀ ପାତ୍ର ଗଞ୍ଜାମ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ । ସୁଶ୍ରୀ ପାତ୍ର ବୁଧବାର କାର୍ଯ୍ୟରେ ଯୋଗଦାନ କରି ଉପଜିଲାପାଳ କୀରନଦୀପ କୌରଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଉପଜିଲାପାଳ କୀରନଦୀପ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ସତୀଶ କୁମାର ବଇନି, ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର, ମଙ୍ଗଳ ଅଧିକାରୀ ସୁରଜ ନାୟକ, ଯୋଗାଣ ଅଧିକାରୀ ଦେବବ୍ରତ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସେକ୍ସନ ଅଧିକାରୀ ଓ ସମସ୍ତ ରାଜସ୍ୱ ସହାୟକ ସୁଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କୃତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଟିକିରି, ୭।୨ (ପ୍ରଫୁଲ୍ଲ କୁମାର ବେହେରା)



ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକ ରଞ୍ଜିତ କୁମାର ମିଶ୍ର ଓ ରାଜେନ୍ଦ୍ର ମହାନ୍ତଙ୍କୁ ଶ୍ରେଷ୍ଠ ମାଧ୍ୟମିକ ଶିକ୍ଷକ ଭାବେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଛନ୍ତି। ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଗଣଶିକ୍ଷା ସଚିବ, ବିଭାଗୀୟ ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପ୍ତିମୟୀ ସିଂହ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକର୍ମୀ ତଥା ଗ୍ରାମବାସୀ ପୁରସ୍କୃତ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଫାଇଲେରିଆ ନିରାକରଣ ବୈଠକ



ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀ।

ଗୁଡ଼ାରି,୭।୨ (ପ୍ରମୋଦ କୁମାର ପତି)

ଗୁଡ଼ାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୈଠକ ଗୃହରେ ମଙ୍ଗଳବାର ଫାଇଲେରିଆ ନିରାକରଣ ସକାଶେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସବୁ ବିଭାଗର ପ୍ରମୁଖ ଉପସ୍ଥିତ ଥିବାବେଳେ ଜିଲାରୁ ଆସିଥିବା ଭିଭିଡି ସନ୍ତୋଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁଡାରି ସହରରୁ ସମ୍ପୂର୍ଣ୍ଣ ଭାବେ ଫାଇଲେରିଆ ମୁକ୍ତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୂପାନନ୍ଦ ବେହେରା ସୂଚନା ଦେଇଛନ୍ତି। ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହେବ। ଏହି ବୈଠକରେ ରଶ୍ମିତା ମହାଙ୍କୁଡ, ମତ୍ସ୍ୟ ସୁପରଭାଇଜର, ସିଡିପିଓ, ମହିଳା ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ଭିଣୋଇଙ୍କୁ ଆକ୍ରମଣକରି ଶାଳକ ଗିରଫ

ଜୟପୁର, ୭।୨ (ପବନ ପାଣିଗ୍ରାହୀ)

ଭିଣୋଇଙ୍କୁ କାତିରେ ଆକ୍ରମଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ଶଳାଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭେଟେନାରି କଲୋନିର ଶେଖ ଅବଦୁଲ (୪୦) । ବିଜୁ ରାଜନଗରରେ ରହୁଥିବା ରଫିଦ ଖାନ ଏକ ବିରିୟାନି ଦୋକାନ କରି ସେକେଣ୍ଡ ହାଣ୍ଡ୍ ୨୦୭ ଗାଡ଼ି କିଣିଥିଲେ। ଏହି ଗାଡ଼ିକୁ ସେ ଶଳାଙ୍କୁ ଚଲାଇବାକୁ ଦେଇଥିଲେ। ତେବେ ସମ୍ପୃକ୍ତ ଶଳା ଜଣକ ଗାଡିରେ ବେଆଇନ କାରବାର କରୁଥିବା ଜାଣି ତାଙ୍କୁ ସେ ଗାଡି ଚଲାଇବାକୁ ମନା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶେଖ ଅବଦୁଲ ଏକ କୁକଡ଼ା କଟା କାତିରେ ରଫିଦଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଶେଖ ଅବଦୁଲଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି ।

# ଅନାଥ ଆଶ୍ରମରେ ପଠନ ସାମଗ୍ରୀ, ଖାଦ୍ୟ ବଣ୍ଟନ

ରାୟଗଡ଼ା,୭।୨ (ଆଶିଷ ରଞ୍ଜନ ପଣ୍ଡା)

ଭାଜପା ନଗର ଯୁବମୋର୍ଚ୍ଚା ପକ୍ଷରୁ ରାୟଗଡ଼ା ସହରରେ ଥିବା ଅନାଥ ଆଶ୍ରମଗୁଡ଼ିକରେ ଖାତା, କଲମ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ନଗର ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ଚୌଧୁରୀଙ୍କ ନେତୃତ୍ୱରେ ସହରରେ ଥିବା ଆସିଷ୍ଟ ଚିଲ୍‌ଡ୍ରେନ ହୋମ୍‌ର ୬୦ ଜଣ ଅନ୍ତେବାସୀଙ୍କୁ ଖାତା, କଲମ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ପୂର୍ବରୁ ରୟତ କଲୋନିସ୍ଥିତ ଅନାଥ ଆଶ୍ରମରେ ୫୦ରୁ ଊର୍ଦ୍ଧ୍ୱ କୁନି କୁନି ଝିଅଙ୍କୁ ନଗର ଯୁବମୋର୍ଚ୍ଚା ତରଫରୁ ଖାତା, କଲମ ଓ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଉକ୍ତ କାର୍ଯ୍ୟରେ ଯୁବମୋର୍ଚ୍ଚା ସଭାପତି ବିଷ୍ଣୁ ଚୌଧୁରୀଙ୍କ ସମେତ ଭାଜପା ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା,ସାଧାରଣ ସମ୍ପାଦିକା ଝରଣା ମହାନ୍ତି ଓ ବାସନ୍ତୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଅନାଥ ଆଶ୍ରମରେ ଥିବା ବାଳିକା ବାଳକମାନେ ।

# ଅତିଥି ଅଧ୍ୟାପକରେ ଚାଲିଛି ବିଜ୍ଞାନ ମହାବିଦ୍ୟାଳୟ

ଗୁଡାରି,୭।୨। (ପ୍ରମୋଦ କୁମାର ପତି)




- ନାହାନ୍ତି କଲେଜ ଅଧ୍ୟକ୍ଷ, ଫିଜିକ୍ସ, ଓଡ଼ିଆ ଅଧ୍ୟାପକ
- ପାଠପଢ଼ା ବାଧାପ୍ରାପ୍ତ

ଶିକ୍ଷାର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ପ୍ରଶାସନର ଅବହେଳା ଯୋଗୁ ଅନେକ କଲେଜରେ ସ୍ଥାୟୀ ଅଧ୍ୟାପକ ନାହାନ୍ତି। ରାୟଗଡ଼ା ଜିଲାର ଗୁଡ଼ାରି ଅଞ୍ଚଳବାସୀଙ୍କ ବହୁ ଦାବି ପରେ ଗୁଡାରି ବିଜ୍ଞାନ ମହାବିଦ୍ୟାଳୟ ଖୋଲିଥିଲା। ହେଲେ କଲେଜରେ ଏବେ ପ୍ରିନ୍ସିପାଲ ନ ଥିବାବେଳେ କୌଣସି ବିଭାଗରେ ସ୍ଥାୟୀ ଅଧ୍ୟାପକ ନାହାନ୍ତି। ଫଳରେ କିଛି ଗେଷ୍ଟ ଫାକଲ୍ଟିଙ୍କ ଦ୍ୱାରା ଚାଲିଛି କଲେଜ। ବିଜ୍ଞାନ ମହାବିଦ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଫିଜିକ୍ସରେ କେହି ଅଧ୍ୟାପକ ନ ଥିବା ବେଳେ ଓଡ଼ିଆ ବିଭାଗରେ ମଧ୍ୟ କେହି ଅଧ୍ୟାପକ ନାହାନ୍ତି। ଆଗକୁ ବାର୍ଷିକ ପରୀକ୍ଷା ଥିବାବେଳେ ବିନା ଅଧ୍ୟାପକରେ ଛାତ୍ରୀଛାତ୍ର କିପରି ପଢିବେ ଏବଂ ପରୀକ୍ଷା ଦେବେ ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଫିଜିକ୍ସ ଅଧ୍ୟାପକ ଜଳନ୍ଧର ଗୌଡ଼ ଗତ ୩୧ ଜାନୁଆରୀ ୨୦୨୪ରେ ଅବସର ନେଲା ପରେ ବର୍ତ୍ତମାନ ଏଠାରେ କୌଣସି ସ୍ଥାୟୀ ଅଧ୍ୟାପକ ନାହାନ୍ତି। ସେହିପରି ଏଠାରେ କାର୍ଯ୍ୟରତ ଓଡ଼ିଆ ଅଧ୍ୟାପକ ଯୋଗେନ୍ଦ୍ର ମେହେର ଗତ ୨୫।୧।୨୦୨୪ରେ ଅନ୍ୟତ୍ର ବଦଳି ହୋଇ ଗଲା ପରଠାରୁ କେହି ବି ନୂଆ ଅଧ୍ୟାପକ ନିଯୁକ୍ତ ହୋଇନାହାନ୍ତି।

ଗୁଡ଼ାରିରେ ୧୯୮୩ ମସିହାରେ ଏହି କଲେଜ ସ୍ଥାପନ ହୋଇଥିଲା । କଲେଜରେ ପ୍ରଥମେ କଳା ବିଭାଗ ଏବଂ ୧୯୮୫ରେ ବିଜ୍ଞାନ ବିଭାଗ ଖୋଲିଥିଲା। ଦୀର୍ଘ ୪୦ ବର୍ଷ ପୁରୁଣା କଲେଜରେ ଅଦ୍ୟାବଧି ସ୍ଥାୟୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ମିଳିଲା ନାହିଁ। ଏବେ କଲେଜରେ ପ୍ରଥମ ବର୍ଷ କଳାରେ ୧୯୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଦ୍ୱିତୀୟ ବର୍ଷ କଳାରେ ୧୯୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେହିପରି ବିଜ୍ଞାନ ପ୍ରଥମ ବର୍ଷରେ ୨୦ଜଣ ଏବଂ ଦ୍ୱିତୀୟ ବର୍ଷରେ ୩୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।

ପ୍ରକାଶଥାଉକି, ଗୁଡ଼ାରି ଅଞ୍ଚଳରେ ଯୁକ୍ତ ୨ ଶିକ୍ଷା ନିମନ୍ତେ କୋଚିଂ ସେଣ୍ଟର ମଧ୍ୟ ନାହିଁ। ଖୁବ୍‌ଶୀଘ୍ର ଏହି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ଏବଂ ଅଧ୍ୟାପକ ନିଯୁକ୍ତି ଦେବା ନିମନ୍ତେ ଅଭିଭାବକ, ସହରବାସୀ ଏବଂ ‘ୟୁଥ୍ ଫର୍ ଚେଞ୍ଜ’ ଯୁବଗୋଷ୍ଠୀ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଜିଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କୋରାପୁଟ,୭।୨(ଅମିତାଭ ବେହେରା)

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ତଥା ଓଡ଼ିଶାର ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀ ଭାବେ ପୁରସ୍କୃତ ହୋଇଥିବା ରାମଚନ୍ଦ୍ର ନାହକଙ୍କୁ ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନାହକଙ୍କ କର୍ମପ୍ରବଣତାକୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ନାହକ କହିଥିଲେ, ଶିକ୍ଷା କ୍ଷେତ୍ରରେ କୋରାପୁଟ ଜିଲାରେ ଯାହା ଉନ୍ନତି ହୋଇଛି ସେସବୁର ଶ୍ରେୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର। ବିଦ୍ୟାଳୟ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖି ପାରିଲେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣୀୟ ପରିବେଶ ସୃଷ୍ଟି କରିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଜାନୁଆରୀ ୩୧ରେ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ନାହାକଙ୍କୁ ରାଜ୍ୟର ଶ୍ରେଷ୍ଠ ଜିଲା ଶିକ୍ଷା ଅଧିକାରୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୭।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ କୁମୁଲିପୁଟ ଓ କଙ୍ଗା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସଚେତନତା ରଥ ପ୍ରତ୍ୟେକ ଗ୍ରାମକୁ ଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସଚେତନ କରୁଛି।

### ଶ୍ରଦ୍ଧାଳୁଙ୍କ ପାଇଁ ଧର୍ମଶାଳା ନିର୍ମାଣ ହେଉ

ଜୟପୁର,୭।୨(ପବନ ପାଣିଗ୍ରାହୀ)

ଜୟପୁରରେ ଏକ ଧର୍ମଶାଳା ନିର୍ମାଣ କରିବାକୁ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ସମସ୍ତଙ୍କ ପ୍ରିୟ ଓ ଆରାଧ୍ୟ ଠାକୁର ବାବା ଗୁପ୍ତେଶ୍ୱର ଶୈବପୀଠ ବୈପାରିଗୁଡ଼ା ବ୍ଲକ ଓ ଜୟପୁର ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଏହି ଶୈବପୀଠକୁ ପ୍ରତ୍ୟେହ ରାଜ୍ୟର ବିଭିନ୍ନ ଜିଲାରୁ ଶ୍ରଦ୍ଧାଳୁ ଆସୁଛନ୍ତି। ପୀଠରେ ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣି ମହାଶିବରାତ୍ରି, କାର୍ତ୍ତିକ ସୋମବାର, ଶିବ ଚତୁର୍ଦ୍ଦଶୀ ଏବଂ ଶ୍ରାବଣ ମାସରେ ଜଳାଭିଷେକ ହୋଇଥାଏ। ଶୈବପୀଠରେ ଶ୍ରଦ୍ଧାଳୁମାନେ ପହଞ୍ଚି ରାତ୍ରିଯାପନ ଓ ବିଶ୍ରାମ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସ୍ଥଳେ ଏଠାରେ ଏକ ଧର୍ମଶାଳା ପ୍ରତିଷ୍ଠା କରିବାକୁ ନନ୍ଦ ଚିଠିରେ ଉଲ୍ଲେଖ କରିଛନ୍ତି।

### ଜଙ୍ଗଲକୁ ନିଆଁରୁ ରକ୍ଷା ସଚେତନତା

ନନ୍ଦପୁର, ୭।୨ (ଶଙ୍କର ପୂଜାରୀ)

ଖରା ଦିନେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନେଇ ନନ୍ଦପୁର ବନବିଭାଗ ପକ୍ଷରୁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନନ୍ଦପୁର ସାପ୍ତାହିକ ହାଟରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଙ୍ଗଲରେ ନିଆଁ ଲାଗିବା କାରଣ, ନିର୍ବାପନର ଉପାୟ, ଜଙ୍ଗଲରେ ନିଆଁ ଲାଗିବା ମାତ୍ରେ ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନପାଳ ନିର୍ମଳ ଆନନ୍ଦଙ୍କ ସମେତ ସେମିଲିଗୁଡା ବନାଞ୍ଚଳ କର୍ମଚାରୀ ଉପସ୍ଥିତ ଥିଲେ।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ

ପଡିଆ, ୭।୨(ଭାସ୍କର ରାଓ)

ପଡିଆ ବ୍ଲକ ନିକଟରେ ୨୭ ଲକ୍ଷ ୫୧ ହଜାର ଟଙ୍କା ବ୍ୟୟରେ ମିଶନ ଶକ୍ତି କାଫେ ଗୃହ ନିର୍ମାଣ କରାଯାଇ ଦୀର୍ଘ ମାସ ଧରି ଶେଷହୋଇ ପଡି ରହିଥିଲା। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବୁଧବାର ତାହା ଉଦ୍‌ଘାଟିତ ହୋଇଛି। ଅଞ୍ଚଳର ଲୋକେ ସୁଲଭ ମୂଲ୍ୟରେ ଜଳଖିଆ ଓ ମିଲେଟ ତିଆରି ଖାଦ୍ୟ ଖାଇପାରିବେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ଯମୁନା ମୁକ୍ଷାକି, ସମ୍ମାନିତ ଅତିଥି ବିଡ଼ିଓ ଅଭିମନ୍ୟୁ କବି ଶତପଥୀ, ବିଜେଡି ବ୍ଲକ ସଭାପତି ଏମ୍‌ଡି ଫାରୁକ, ଏମ୍‌ପି ପ୍ରତିନିଧି ସିହେଚ ରବିଟି କୁମାର, ବିଧାୟକ ପ୍ରତିନିଧି କୋଟାମ ବାଲାୟା ଓ ସରପଞ୍ଚ ଗଙ୍ଗା କାରାମ ପ୍ରମୁଖ ଯୋଗ ଦେଇଥିଲେ। କାଫେ ପରିଚାଳନା ଦାୟିତ୍ୱ (ମିଶନ ଶକ୍ତିର ବିଏଲଏଫ)ଧରିତ୍ରୀ ଫ୍ରେଡେସନଙ୍କୁ ଚଳାଇବା ଦାୟିତ୍ୱ ଦିଆଯାଇଥିବା ବ୍ଲକ ପ୍ରୋଜେକ୍ଟ କୋର୍ଡ଼ିନେଟର ରାଜେଶ ସର୍ଦ୍ଦାର କହିଛନ୍ତି।

# ଶିକ୍ଷା, ସ୍ୱାସ୍ଥ୍ୟ ସହ ମିଶନଶକ୍ତି ଉପରେ ଗୁରୁତ୍ୱ

ଦଶମନ୍ତପୁର,୭।୨ (ଅରବିନ୍ଦ ନାୟକ)


ଅତିଥିମାନେ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ବୁଧବାର ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ରବି ତାମାର୍ବିଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁନି ମୁଦୁଲି, ସମିତିସଭ୍ୟା ରଜନ୍ତୀ ମାଝି, କନିଷ୍ଠଯନ୍ତ୍ରୀ ରଶ୍ମିତା ରାଉତ, ଆଶିଷ ଚେଟି, ଜିଆରଏସ୍ ଦଶରଥ ବିଶୋୟୀ, ଯଦୁ ସାଗର, କାଳିଆ ସାଗର, ଜିପିଇଓ ସ୍ମୃତିରଞ୍ଜନ ନାୟକଙ୍କ ସମେତ ୧ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ। ଶିକ୍ଷା ବିଭାଗ, ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ, କୃଷି, ସ୍ୱାସ୍ଥ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଯାତାୟାତ ଭଳି ଉନ୍ନୟନମୂଳକ ଯୋଜନା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆମ ପଞ୍ଚାୟତର ବିକାଶ ପୁସ୍ତକ ଉନ୍ମୋଚନ ହୋଇଥିଲା। ଯୋଗାଣ ସହାୟକ ସଲମନ ଖସଲା ପରିଚାଳନା କରିଥିଲେ। ମାର୍ଟିନ ଖସଲା ଧନ୍ୟବାଦ ଦେଇଥିଲେ।

ସେହିପରି ବ୍ଲକର ପୋଡ଼ାଗଡ଼ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗଣେଶ୍ୱର କୁଳଦୀପଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡିଓ ମିଲନ ଝାଙ୍କର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ସରପଞ୍ଚ ଉତ୍ତ ଭୋଇ, ବିଭୂତି ବାଘ, ଜୁଲିୟସ୍ ଖରା ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ: ବ୍ଲକ୍‌ସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

କୋରାପୁଟ,୭।୨(ଅମିତାଭ ବେହେରା )

କୋରାପୁଟ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କୋରାପୁଟ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ଦାସ ଓ ନରସିଂହ ଦାସ, ପୁରାତନ ଛାତ୍ର ଆଇନଜୀବୀ ନୀଳକଣ୍ଠ ମହାନ୍ତି, ତାରିଣୀ ପାତ୍ର, ବିଶ୍ୱମୋହନ ପଟ୍ଟନାୟକ, ରଞ୍ଜନ ଦାସ, ଏବିଇଓ ଜସନ ବେନ୍ୟା, ସୁଷମା ପଟ୍ଟନାୟକ ଯୋଗଦେଇଥିଲେ। ଭାଷା ସାହିତ୍ୟ ଓ ସୃଜନଶୀଳତା ସମ୍ପର୍କିତ ଆୟୋଜିତ ଆଲୋଚନାଚକ୍ର ଅବସରରେ ଏକ ପ୍ରଦର୍ଶନୀ କକ୍ଷରେ କବିତା, ଗଳ୍ପ, ଚିତ୍ରକଳା ଓ ହସ୍ତକଳା ଆଦି ସ୍ଥାନ ପାଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାଙ୍କ ମଧ୍ୟରେ ତର୍କ, କୁଇଜ୍ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥି ଅନୁବାଦକ ବିଜୟ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରସ୍କୃତ କରିଥିଲେ। କୃତୀ ପ୍ରତିଯୋଗୀମାନେ ଆଗାମୀ ଦିନରେ ଜିଲା ସ୍ତରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଭାଗ ନେବେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭିଶୋଇଙ୍କୁ ଆକ୍ରମଣକରି ଶାଳକ ଗିରଫ

ଜୟପୁର, ୭।୨(ପବନ ପାଣିଗ୍ରାହୀ)

ଭିଶୋଇଙ୍କୁ କାତିରେ ଆକ୍ରମଣ କରିଥିବା ଅଭିଯୋଗରେ ଅଭିଯୁକ୍ତ ଶଳାଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଭେଟେନାରି କଲୋନିର ଶେଖ ଅବଦୁଲ (୪୦)। ବିଜୁ ରାଜନଗରରେ ରହୁଥିବା ରଫିଦ ଖାନ ଏକ ବିରିୟାନି ଦୋକାନ କରି ସେକେଣ୍ଡ ହାଣ୍ଡ୍ ୨୦୭ ଗାଡ଼ି କିଣଥିଲେ। ଏହି ଗାଡ଼ିକୁ ସେ ଶଳାଙ୍କୁ ଚଲାଇବାକୁ ଦେଇଥିଲେ। ତେବେ ସମ୍ପୃକ୍ତ ଶଳା ଜଣକ ଗାଡିରେ ବେଆଇନ କାରବାର କରୁଥିବା ଜାଣି ତାଙ୍କୁ ସେ ଗାଡି ଚଲାଇବାକୁ ମନା କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଶେଖ ଅବଦୁଲ ଏକ କୁକଡ଼ା କଟା କାତିରେ ରଫିଦଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଶେଖ ଅବଦୁଲଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ କହିଛନ୍ତି।

# ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ପ୍ରସାରକୁ ଗୁରୁତ୍ୱ

ପଟ୍ଟାଙ୍ଗି,୭।୨(ଶରତ ଧଳ)

**ବ୍ଲକ୍ ପ୍ରଶାସନ ଆୟୋଜନ କଲା ଶିଶୁ ସାହିତ୍ୟ କର୍ମଶାଳା**

ବ୍ଲକ ସୀମାନ୍ତ ଅଞ୍ଚଳରେ କିପରି ଓଡ଼ିଆ ଭାଷାର ପ୍ରସାର ଓ ଗୁରୁତ୍ୱ ବଢ଼ିବ ସେନେଇ ବ୍ଲକ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଛି। ଏଥିପାଇଁ ବ୍ଲକ ପ୍ରଶାସନ ଶିଶୁ ସାହିତ୍ୟ କର୍ମଶାଳା ଆୟୋଜନ କରି ଓଡ଼ିଆ ଭାଷାର ପ୍ରଚାରପ୍ରସାରକୁ ପ୍ରେରଣା ଦେଉଥିବା ଦେଖିବାକୁ ମିଳିଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଶିଶୁ ସାହିତ୍ୟ କର୍ମଶାଳାରେ ଓଡ଼ିଆ ଭାଷାକୁ କିପରି ସୀମାନ୍ତବାସୀ ଗୁରୁତ୍ୱ ଦେବେ ସେନେଇ ବ୍ଲକର ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହେବା ସହ ଏକ କମିଟି ଗଠନ ହୋଇଛି। 'ଶିଶୁ ପ୍ରାଣେ ଭର ସାହିତ୍ୟ ଭାବ, ଆମେ ଶିଶୁ ହିଁ ତ ଦେଶ ବିଭବ' ଏବଂ ଆମେ ପଢ଼ିବା ଆମେ ଗଢ଼ିବା ସ୍ଲୋଗାନ ରହିଛି। ଏହି କର୍ମଶାଳାକୁ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗୀ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତର ୮ ସୀମାନ୍ତ ଗ୍ରାମରେ ଭାଷାଭିତ୍ତିକ କାର୍ଯ୍ୟକ୍ରମ କରିବାକୁ କମିଟିରେ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ ଆଲମେ ଫୁଲ, ସମିତିସଭ୍ୟା ଶିବାନୀ ନାୟକ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ସାମିଲ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପକ ଅମିୟ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତଥିଲେ।

# ଚନ୍ଦନବାଡ ପୌର ଉଚ୍ଚ ବିଦ୍ୟାଳୟରେ ଆଲୁମ୍ନି ବୈଠକ

ଜୟପୁର, ୭।୨(ପବନ ପାଣିଗ୍ରାହୀ)

ଚନ୍ଦନବାଡ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ଆଲୁମ୍ନିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ୧୯୭୫ରୁ ୨୦୨୩ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୂର୍ବତନ ଛାତ୍ରମାନେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାତୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଶତାଧିକ ଛାତ୍ର ଯୋଗ ଦେଇ ପାଠପଢ଼ା ସମୟର ସ୍ମୃତିଚାରଣ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ହରିହର କରସୁଧା ପଟ୍ଟନାୟକ, ଶ୍ରୀନାଥ ମିଶ୍ର, କିଶୋର ପଣ୍ଡା, ପୂର୍ବତନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ, ନୀଳମାଧବ ମିଶ୍ର, ସମାଜିକ କର୍ମୀ ଦୁର୍ଗା ପ୍ରସାଦ ସାହୁ, ଆଲୁମ୍ନିନି ସଭାପତି ଲକ୍ଷ୍ମୀକାନ୍ତ ମିଶ୍ର, ପୂର୍ବତନ ଛାତ୍ର ବଲ୍ଲବ ନାରାୟଣ ଷଡ଼ଙ୍ଗୀ, ମନୋଜ ପାତ୍ର, ପ୍ରଦୀପ ସାହୁ ଉପସ୍ଥିତ ରହି ନିଜ ମତ ରଖିଥିଲେ। ସୁଜିତ ନାୟକ ଅତିଥି ପରିଚୟ ଦେଇଥିବାବେଳେ ଲିପିକା ପାତ୍ର ସୁସ୍ମିତା ରଥ, ସୁଜିସ୍ମିତା ଜେନା, ଛବିରାଣୀ ସାହୁ, ସୀମା ଜୟଧର ପ୍ରମୁଖ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଜୟପୁର, ୭।୨ (ପବନ ପାଣିଗ୍ରାହୀ)

ଜୟପୁର ପୌରାଞ୍ଚଳରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପୌରାଞ୍ଚଳର କୁନ୍ଦାରିଗୁଡା, ଟାଉନ ହଲ୍, ସୌରା ସାହି ଆଖଡ଼ାରେ ଏହି କାଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତାଙ୍କ ସହ କାଉନସିଲର ଅନିତା କୁମାରୀ ରାୟ, ଗାୟତ୍ରୀ ଖରା, ଶାନ୍ତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଞ୍ଚଳରେ ଲୋକମାନଙ୍କୁ ସଚେତନ କରାଯାଇଛି। ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, ସ୍ୱଚ୍ଛ ଭାରତ ଆଦି ଯୋଜନା ଉପରେ ସଚେତନ କରାଯାଉଛି। ବୁଧବାରଠାରୁ ୨୧ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବସ୍ତି ବାସିନ୍ଦା ସଂଘ, ଏସ୍‌ଏଚ୍‌ଜି ଗ୍ରୁପ୍, କାଉନସିଲର, ପୌର କର୍ମଚାଚାରୀମାନେ ସାମିଲ ହୋଇଥିଲେ।

# ପ୍ରଧାନିପୁଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକର ଶ୍ରେଷ୍ଠ ବିଦ୍ୟାଳୟ

ନନ୍ଦପୁର, ୭।୨ (ଶଙ୍କର ପୂଜାରୀ)


ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଉଛି।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ନନ୍ଦପୁର ବ୍ଲକର ଆନ୍ଧ୍ର ସୀମାନ୍ତ ଗୋଲୁର ପଞ୍ଚାୟତ ପ୍ରଧାନିପୁଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୁଇଟି ପୁରସ୍କାର ପାଇ ବ୍ଲକର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇଛି। ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ଗୋଲମାଲଙ୍କୁ ପ୍ରଦାନ କରାଯାଇଛି। ଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିଦ୍ୟାଳୟକୁ ୫୦ହଜାର ଟଙ୍କା ଓ ଶ୍ରେଷ୍ଠ ଶିକ୍ଷକ ଭାବେ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ବିଦ୍ୟାଳୟକୁ ମିଳିଛି। ଫଳରେ ବୁଧବାର ନରହରିଙ୍କୁ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ଯୋଗଦେଇ ନରହରିଙ୍କୁ ସମ୍ମାନିତ କରିଥିଲେ। ରାଇପାହାଡକୁ ନେଇ ସୀମା ବିବାଦରେ ଥିବା ଗୋଲୁର ପଞ୍ଚାୟତର ପ୍ରଧାନିପୁଟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନରହରିଙ୍କ ଯୋଗୁ ରାଜ୍ୟସ୍ତରରେ ଚିହ୍ନିତ ହୋଇପାରିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଶିକ୍ଷାଧିକାରୀ ନାରାୟଣ ଭୂୟାଁ, ମମତାଜ ଗୋମାଙ୍ଗ, ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ହରଗଣ୍ଡାରୁ ବୁଥ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର

ନନ୍ଦପୁର, ୭।୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତର ହରଗଣ୍ଡା ଗ୍ରାମର ୫ନ. ବୁଥରେ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା ଦର୍ଶାଇ କୁମ୍ଭାରିପୁଟ ଗ୍ରାମକୁ ସ୍ଥାନାନ୍ତର ନେଇ ହୋଇଥିବା ନିଷ୍ପତ୍ତି ପ୍ରତ୍ୟାହାର ହୋଇଛି। ଏନେଇ ବୁଥ ଅଧୀନ ହରଗଣ୍ଡା, ବଡପୁଟ, ମାଲିକପୁଟ ଗ୍ରାମର ଭୋଟର ଅସନ୍ତୋଷ ପ୍ରକାଶ କରିଥିଲେ। ବୁଥ ସ୍ଥାନାନ୍ତର ହେଲେ ତିନି ଗ୍ରାମର ଭୋଟର ଭୋଟଦାନରେ ଭାଗ ନେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଫଳରେ ବ୍ଲକ ପ୍ରଶାସନ କୋରାପୁଟ ଉପଜିଲାପାଳଙ୍କୁ ଉକ୍ତ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଜଣାଇଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ବୁଥ ସ୍ଥାନାନ୍ତର ପ୍ରକ୍ରିୟା ପ୍ରତ୍ୟାହାର ହୋଇଥିବା ବିଡିଓ ଦୁର୍ଗା ପ୍ରସାଦ ଦୋରା କହିଛନ୍ତି। ପୂର୍ବରୁ ଯେଉଁ ବିଦ୍ୟାଳୟ ପରିସରରେ ବୁଥ ପ୍ରତିଷ୍ଠା ହେଉଥିଲା ସେଠାରେ ହିଁ ବୁଥ ହେବ ବୋଲି ବିଡିଓ ଦୋରା କହିଛନ୍ତି। ନିଷ୍ପତି ପ୍ରତ୍ୟାହାର ଖବର ଶୁଣି ବିଲାପୁଟ ସରପଞ୍ଚ ରାଜେଶ ଲେନ୍ଦୁଙ୍କ ସମେତ ୩ ଗ୍ରାମର ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି।

# ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଯାତ୍ରା


ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମରେ ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବିଜେଡି ତରଫରୁ ପୌର ପରିଷଦ ୬ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ମାଲକାନଗିରି ନିର୍ବାଚନମଣ୍ଡଳୀ ମାଲକାନଗିରି ପୌର ପରିଷଦର ୬ ନମ୍ବର ୱାର୍ଡରେ ଜିଲା ବିଜେଡି ପକ୍ଷରୁ ସଭାପତି ମାନସ ମାଡକାମିଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଘରେ ଘରେ ଶଙ୍ଖ ଓ 'ପରିବାର ସମ୍ପର୍କ ଯାତ୍ରା'। ଏହି କାର୍ଯ୍ୟକ୍ରମରେ ମାଡକାମୀ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ ଦ୍ୱାରା ଦଳକୁ କିପରି ଅଧିକ ସଶକ୍ତ କରିହେବ ଏବଂ ତୃଣମୂଳସ୍ତରରୁ କାର୍ଯ୍ୟକରି ହେବ ସେନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ବିଜେଡିର ବରିଷ୍ଠ ନେତା ତଥା ଜିଲା ଆଇନ ସାମ୍ମୁଖ୍ୟ ସଭାପତି ଗୋପାଳକୃଷ୍ଣ ପଣ୍ଡା, ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦଶରଥ ମହାନ୍ତ, ପୌର ଅଧକ୍ଷ ମନୋଜ କୁମାର ବାରିକ, ଉପାଧକ୍ଷା କବିତା ମହନ୍ତ, ପୌର ପରିଷଦ ସଭାପତି ପି.ସାଇ, ସଂଯୋଜକ ମଙ୍ଗଳା ପାଙ୍ଗୀ, ରାଜ୍ୟ ଜୀବ ସମ୍ପାଦକ ରବି ରାଜେଶ, ବିଜେଡି ନେତା ପେଣ୍ଡ୍ରା ପ୍ରସାଦ ପଣ୍ଡା, କଣ୍ଟେସ ପଟଲା, ବସନ୍ତ ନାୟକ ଓ ୱାର୍ଡ କାଉନସିଲର ସଂଯୁକ୍ତା ଦାସ ପ୍ରମୁଖ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୋବିନ୍ଦପାଲି, ୭।୨(କାର୍ତ୍ତିକ ରଥ)

ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କୁଡୁମୁଲୁଗୁମ୍ମା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଗଣ୍ଡ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଇରପୁଟ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିମ୍ବ କ୍ରିସାନି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଇରପୁଟ ବିଡିଓ ଉମା ଶଙ୍କର କୋୟା, କୁଡୁମୁଲୁଗୁମ୍ମା ତହସିଲଦାର ଟୁକୁନୁ ପୁଟା, ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ଦଣ୍ଡସେନା, ଜିଲା ପରିଷଦ ସଭ୍ୟ ବଳି ମାଝି, ସରପଞ୍ଚ ମଙ୍ଗଳା ମାଡ଼ି, ରାସବେଡ଼ା ସରପଞ୍ଚ ପ୍ରମିଳା ଗୁଟା, ଲ୍ୟାମ୍ପସ୍ ସଭାପତି ଗୋପୀ ପାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ପାଇଁ ପଞ୍ଜୀକୃତ କରିବା ,ବ୍ୟାଙ୍କ ଖାତା ଖୋଲିବା, ଭତ୍ତା ପାଇଁ ଆବେଦନ ଆଦି ୧୬ ଷ୍ଟଲ ଖୋଲାଯାଇଥିଲା। ଏହି ଅବସରରେ କୁଡୁମୁଲୁଗୁମ୍ମା, ପରକନମାଳା, ରାସବେଡ଼ା ଓ ପୋଡ଼ଘାଟା ଓ ଅନ୍ୟାନ୍ୟ ପଞ୍ଚାୟତର ଭିନ୍ନକ୍ଷମ ମହିଳା,ପୁରୁଷ ଛାତ୍ରୀ ଛାତ୍ରମାନେ ଯୋଗଦେବା ସହ ନିଜର ନିଜର ନାମ ପଞ୍ଜୀକୃତ କରାଇଥିଲେ। ଏଥିରେ ୨୫୨ ଭିନ୍ନକ୍ଷମ ନାମ ପଞ୍ଜୀକୃତ କରିଥିଲେ।

ଡାକ୍ତର ଏ.କେ. ମିଶ୍ର, ଡାକ୍ତର ଏମ୍. ହୁସେନ, ଡାକ୍ତର ଅଶୋକ କୁମାର ଖମାରୀ, ଡାକ୍ତର ଅରବିନ୍ଦ, ଡାକ୍ତର ପି.କେ. ମେହେର ଓ ଡାକ୍ତର କୁନାଲ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଭଗବାନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଆରଟି ସାଗର ପ୍ରସାଦ ରାଉତ, ସିଆରସିସି ବ୍ରଜ ନାରାୟଣ ଦାସ, ସଞ୍ଜୟ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ମଦ ବିରୋଧୀ ଆନ୍ଦୋଳନ କଲେ ଅଞ୍ଚଳବାସୀ


ମଦକୁ ବିରୋଧକରି ବାହାରିଥିବା ରାଲି।

ପଡ଼ିଆ,୭।୨(ଭାସ୍କର ରାଓ)

ପଡ଼ିଆ ସଦର ମହକୁମାର ଶତାଧିକ ମହିଳା ଓ ପୁରୁଷ ବୁଧବାର ମଦ ବିରୋଧୀ ଆନ୍ଦୋଳନ କରିବା ସହ ମଦ ବନ୍ଦ କରୋ ସ୍ଲୋଗାନ ଦେଇ ରାଲି କରିଥିଲେ। ପଡିଆ ବ୍ଲକ ସାଧାରଣତଃ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଗରିବ ଚାଷୀ ମୂଲିଆ ବର୍ଗର ଲୋକମାନେ ବସବାସ କରିଥାନ୍ତି। ଲୋକମାନେ ମଦ୍ୟପାନ କରି ଅକାଳରେ ଜୀବନ ହାରୁଛନ୍ତି। ଗାଁରେ ବିଦେଶୀ ମଦ ବିକ୍ରିକୁ ବନ୍ଦ କରିବା, ଅବାଧରେ ବିକ୍ରି କରାଯାଉଥିବା ଦେଶୀ ମଦ ପୋଲିସ ପାଟ୍ରୋଲିଂ କରି ବନ୍ଦ କରାଇବା, ଖାଲି ମଦ ବୋତଲଗୁଡ଼ିକୁ ଠିକ୍ ଭାବେ ରଖାଯାଇ ନିଷ୍କାସନ କରାଯିବା, ସ୍ୱୀକୃତିପ୍ରାପ୍ତ ଦୋକାନରେ ବିକ୍ରି କରାଯିବା ଆଦି ଆଇନକୁ ବିରୋଧକରି ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମହିଳା, ପୁରୁଷ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ବନ୍ୟା ସମୟରେ ଉଦ୍ଧାରକାର୍ଯ୍ୟ ନେଇ ଏନ୍‌ଡିଆର୍‌ଏଫ୍‌ର ମକ୍‌ଡ୍ରିଲ୍

କୋରାପୁଟ,୭।୨(ଅମିତାଭ ବେହେରା )


ଏନ୍‌ଡିଆର୍‌ଏଫ୍ ପକ୍ଷରୁ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଉଛି।

କୋରାପୁଟର ପଣ୍ଡି ଗ୍ରାମ ନିକଟସ୍ଥ କୋଲାବ ଜଳଭଣ୍ଡାରରେ ମଙ୍ଗଳବାର ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବନ୍ୟା ସମୟରେ କିପରି ଉଦ୍ଧାର କାର୍ଯ୍ୟ କରାଯିବ ସେନେଇ ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏନ୍‌ଡିଆର୍‌ଏଫ୍ ସେକେଣ୍ଡ ଇନ୍ କମାଣ୍ଡ ବର୍ଦ୍ଧମାନ ମିଶ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମକ୍ ଡ୍ରିଲ୍‌ରେ କୋରାପୁଟ ଅଗ୍ନିଶମ ବାହିନୀ, ଓଏସ୍‌ଏପି ତୃତୀୟ ବାଟାଲିୟନର ଓଡ୍ରାଫ ଟିମ୍, ପୋଲିସ, ବେସାମରିକ ପ୍ରତିରକ୍ଷା ବାହିନୀର ଯବାନ ଓ ଆପଦମିତ୍ର ସ୍ୱେଚ୍ଛାସେବୀମାନେ ପ୍ରାକୃତିକ ବିପତ୍ତି ବନ୍ୟା ସମୟରେ କିପରି ଧନଜୀବନର ସୁରକ୍ଷା କରାଯାଇପାରିବ ସେନେଇ ବିଭିନ୍ନ କୌଶଳମାନ ପ୍ରଦଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଡିଆର୍‌ଆର୍‌ସି ଏ. କେ. ଭୂୟାଁ ଯୋଗଦେଇଥିଲେ। ସେକ୍ସନ ଅଫିସର ପ୍ରକାଶ ସାମଲ ପରିଚାଳନାରେ ସହାୟତା କରିଥିଲେ।

**ସଂକ୍ଷେପରେ**

## ପାନାବେଡ଼ା ମହାବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର

ଚନ୍ଦାହାଣ୍ଡି, ୭।୨ (ଦିଲୀପ ଦାସ )

ଚନ୍ଦାହାଣ୍ଡି ବ୍ଲକ ପାନାବେଡ଼ା +୩ ମହାବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଦ୍ୱାରା ଆମ୍ବଗୁଡା ଗ୍ରାମକୁ ୧ବର୍ଷ ଧରି ପୋଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରାଯାଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହ ପରିବେଶକୁ ସଫା ରଖିବା ଏବଂ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ ନିମନ୍ତେ ବହୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ପାନାବେଡା+୩ ମହାବିଦ୍ୟାଳୟର ଜାତୀୟ ସେବାସଂସ୍ଥା ପରିଚାଳନା ପ୍ରୋଗ୍ରାମ ଅଫିସର ବରିଷ୍ଠ ଅଧ୍ୟାପକ ମକର ନାୟକଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଦ୍ୱାରିକାନାଥ ବାଘ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ବରିଷ୍ଠ ଆଧାପକ ଦିଲୀପ କୁମାର ଲେଙ୍କା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ସନ୍ତୋଷ କୁମାର ଖମାରି, ଅନ୍ୟତମ ସମ୍ମାନିତ ଅତିଥିଭାବେ ଚତୁର୍ଭୁଜ ମେହେର,ଦୁର୍ମିଳା ବାଘ, +୨ ଗଣିତ ଅଧ୍ୟାପକ ବିଶ୍ୱଜିତ ସେନାପତି ରମେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଝରିଗାଁ ବ୍ଲକ: ନୂତନ ବିଡିଓଙ୍କ ଯୋଗଦାନ

ଝରିଗାଁ,୭।୨(କିଶୋର ଚନ୍ଦ୍ର ମଣ୍ଡଳ): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ନୂତନ ବିଡିଓ ଭାବେ ପ୍ରଥମ ଥର ପାଇଁ ଜଣେ ମହିଳା ଓଏଏସ୍ ଅଧିକାରିଣୀ ପ୍ରୀତା କୁମାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏହା



ପୂର୍ବରୁ ସେ କଳାହାଣ୍ଡି ଜିଲା ଭବାନିପାଟଣା ବିଡିଓ ଭାବେ କାର୍ଯ୍ୟରତ ଥିଲେ। ଝରିଗାଁ ଏକ ବଡ଼ ବ୍ଲକ ହୋଇଥିବାରୁ ସେ ସମସ୍ତ ଜନପ୍ରତିନିଧିଙ୍କ ସହାଭାଗିତାରେ କାର୍ଯ୍ୟ କରିବା ସହ ଜନସାଧାରଣଙ୍କ ଅଭିଯୋଗକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସେହିପରି ଭାବେ କ୍ଷେତ୍ର ପରିଦର୍ଶନ, ୫-ଟି ବ୍ୟବସ୍ଥାର ଠିକ୍ ପରିଚାଳନା ଏବଂ ସରକାରଙ୍କ ସମସ୍ତ ଯୋଜନା କିପରି ଠିକ୍ ଭାବରେ ହିତାଧିକାରୀଙ୍କ ନିକଟକୁ ପହଞ୍ଚିପାରିବ ସେ ଦିଗରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମସ୍ତ ଅଧିକାରୀ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହି ନୂତନ ବିଡିଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

# ସୀମାନ୍ତରୁ ୩ ମାଓବାଦୀ ଗିରଫ

ମାଲକାନଗିରି,୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲା ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଲଚ୍ଛୁ ଲେମଲା, ଚମରୁ ଓରସା ଓ ସୋନୁ କୁହରାମୀ। ବିଜାପୁର ଜିଲା ମେଟାପାଲ ଜଙ୍ଗଲରେ କୋମ୍ବିଂ ସମୟରେ ମାଓବାଦୀ ଲଚ୍ଛୁଙ୍କୁ ଯବାନ ଗିରଫ କରିଥିଲେ । ଉକ୍ତ ମାଓବାଦୀ ପୋଲିସକୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ। ତେବେ ଏହି ମାଓବାଦୀଙ୍କ ନାମରେ ସରକାରଙ୍କ ତରଫରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ବୋଲି ପୋଲିସ କହିଛି। ସେହିପରି ଏହି ସୁରକ୍ଷାକର୍ମୀମାନେ



ଗିରଫ ୩ ମାଓବାଦୀ ।

ଫର୍ସେଗଡ ଥାନା ଆଲବାଡା ଜଙ୍ଗଲରେ କୋମ୍ବିଂ ସମୟରେ ୨ ଜଣ ମାଓବାଦୀଙ୍କୁ ଗିରଫ କରିଥିଲେ । ଉକ୍ତ ୨ ମାଓବାଦୀ ଚମରୁ ଓରସା ଏବଂ ସୋନୁ କୁହରାମୀ । ଏହି ଦୁଇଜଣଙ୍କ ଉପରେ ସରକାରଙ୍କ ତରଫରୁ ୧୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଏମାନେ ଆଇଇଡି ବିସ୍ଫୋରଣ, ପୋଲିସକୁ ଆକ୍ରମଣ ଭଳି ଅନେକ ଘଟଣାରେ ସାମିଲ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ତେବେ ଏହି ୩ ଜଣଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ବୁଧବାର ଏମାନଙ୍କୁ ପଚରା ଉଚୁରା ପରେ କୋର୍ଟଚାଲାଣ କରାଯାଇଛି।

# ନକଲି ପ୍ରମାଣପତ୍ର ଦେଇ ଅଙ୍ଗନୱାଡି କର୍ମୀ ଚାକିରିରୁ ବିଦା

ଝରିଗାଁ,୭।୨(କିଶୋର ଚନ୍ଦ୍ର ମଣ୍ଡଳ)

ନକଲି ପ୍ରମାଣପତ୍ର ଦେଇ ଚାକିରି କରିବା ଜଣେ ଅଙ୍ଗନବାଡି କର୍ମୀଙ୍କୁ ମହଙ୍ଗା ପଡିଛି । ନବରଙ୍ଗପୁର ଜିଲା ପ୍ରଶାସନ ଝରିଗାଁ ବ୍ଲକ ଚିତାବେଡା ପଞ୍ଚାୟତ ଅନ୍ତର୍ଗତ ଭାଦୁଗୁଡା ଗ୍ରାମର ଅଙ୍ଗନବାଡି କର୍ମୀଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡି କର୍ମୀ ହୀରାବତୀ ଗଣ୍ଡଙ୍କ ନିଯୁକ୍ତି ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶ ହୋଇଛି।

ସୂଚନା ମୁତାବକ, ଝରିଗାଁ ବ୍ଲକ ଚିତାବେଡା ପଞ୍ଚାୟତ ଅନ୍ତର୍ଗତ ଭାଦୁଗୁଡା ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ହୀରାବତୀ ଗଣ୍ଡ ନକଲି ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ଦାଖଲ କରି ଚାକିରୀ କରୁଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଉପ ଜିଲାପାଳ ତଥା ଉପଖଣ୍ଡୀୟ ଦଣ୍ଡାଧିକାରୀଙ୍କ କାର୍ଯ୍ୟାଳୟ ଏହାର ତଦନ୍ତ କରିଥିଲେ। ତଦନ୍ତରେ ସତ୍ୟାସତ୍ୟ ଜଣାପଡିବା ପରେ ଗଣ୍ଡଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ଜଣାପଡିଛି । ଗଣ୍ଡ ଝରିଗାଁ ସିଡିପିଓ ବିରାଜ ମୋହିନୀ ପଙ୍ଗୀଙ୍କୁ ତାଙ୍କ କେନ୍ଦ୍ରର ସମସ୍ତ ନଥିପତ୍ର ହସ୍ତାନ୍ତର କରିଥିବା ଜଣାପଡିଛି।

# ବୁଲେଟ୍ ଶୋ'ରୁମ୍ ନାମରେ ଠକେଇ

ଉମରକୋଟ,୭।୨ (ସନ୍ତୋଷ ଶତପଥୀ)

ବୁଲେଟ୍ ଶୋ'ରୁମ୍ ପ୍ରତିଷ୍ଠା ଆଳରେ ୨୭ ଲକ୍ଷ ଟଙ୍କା ଠକି ନେଇଥିବା ୨ଜଣ ଠକ ଧରାପଡିଛନ୍ତି। ସେମାନଙ୍କୁ ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ବେଙ୍ଗାଲୁରରୁ ଗିରଫ କରିଛି। ଉମରକୋଟ ସହରର ଜଣେ ଯୁବ ବ୍ୟବସାୟୀ ସୁଶିଲ ପାଲ ୧୭।୧୧।୨୦୨୩ରେ ରୟାଲ ଏନ୍‌ଫିଲ୍ଡ ବୁଲେଟ ଶୋରୁମ ପ୍ରତିଷ୍ଠା ପାଇଁ ଆବେଦନ କରିଥିଲେ। ପରେ ସେଠାରୁ ଆଧାର, ପାନ, ବ୍ୟାଙ୍କ ଡିଟେଲ ଆଦି ପଠାଇବାକୁ ତାଙ୍କ ନିକଟକୁ ଖବର ଆସିଥିଲା। ଫଳରେ ସୁଶିଲ ତାଙ୍କ ସାନଭାଇ ସପନଙ୍କ ସମସ୍ତ କାଗଜ ପାତ୍ର ପଠାଇଥିଲେ। ପରେ ତାଙ୍କୁ ଚେନ୍ନାଇର ଟି ନଗରରେ ଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ୨୭ ଲକ୍ଷ ୫୦ହଜାର ଟଙ୍କା ପଠାଇବାକୁ କୁହାଯାଇଥିଲା। ସପନ ୨୧।୧୨।୨୩ରେ ୨ ଲକ୍ଷ ୫୦ହଜାର ଓ ୨୨।୧୨।୨୩ରେ ୧୦ ଲକ୍ଷ ଓ ୨୬।୧୨।୨୩ରେ ୧୫ ଲକ୍ଷ ଟଙ୍କା ଆରଟିଜିଏସ୍ ମାଧମରେ



ପଠାଇଥିଲେ। ଟଙ୍କା ପଠାଇବା ପରେ ଯେଉଁ ନମ୍ବରରୁ ଫୋନ ଆସୁଥିଲା ସେହି ନମ୍ବରକୁ ଫୋନ କରିବାରୁ ଆଉ କୌଣସି ଉତ୍ତର ଆସି ନ ଥିଲା। ଫଳରେ ସେ ଠକାମିର ଶିକାର ହୋଇଥିବା ଜାଣି ସୁଶିଲ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ଉମରକୋଟ ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନ ତଦନ୍ତ ପାଇଁ ଏକ ଟିମ ଗଠନ କରିଥିଲେ। ଯେଉଁ ନମ୍ବରରୁ କଲ ଆସୁଥିଲା ସେହି ନମ୍ବରକୁ ଟ୍ରାକ କରି ଏହା

**୨୭ ଲକ୍ଷ ଠକି ୨ଗିରଫ**

ବେଙ୍ଗାଲୁରୁରୁ ଆସୁଥିଲା ବୋଲି ଜାଣିବାକୁ ପାଇଥିଲେ। ପରେ ଘଟଣାକୁ ତ୍ୱରାନ୍ୱିତ କରିବାକୁ ଆଇଆଇସି ଉମରକୋଟ ଏସଆଇ ସନ୍ତୋଷ ମାଝୀ ଓ ଅକ୍ଷୟ ମିଶ୍ରଙ୍କୁ ବେଙ୍ଗାଲୁର ପଠାଇଥିଲେ। ସେଠାରୁ ହବିବର ରେହେମାନ(୩୨) ଓ ମହମ୍ମଦ ମସରୁଲ ଆଲମ(୨୫)ଙ୍କୁ ଗିରଫ କରି ଉମରକୋଟ ଅଣାଯାଇଥିଲା। ତେବେ ୨ ଅଭିଯୁକ୍ତଙ୍କ ଘର ବିହାରର କିଶନଗଞ୍ଜ ଜିଲାର ସାହାପୁର ଗ୍ରାମରେ ବୋଲି ଜଣାପଡିଛି। ଗିରଫ ପରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଉମରକୋଟ ପୋଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ ଧାରା ୪୧୯, ୪୨୦, ୪୬୭, ୪୬୮, ୪୭୧ ଆଇପିସି ଧାରା ୬୬ଆର, ୬୬(ଡି) ଓ ଆରଟି ଆକ୍ଟ ୨୦୦୦ରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଜେଲ ପଠାଯାଇଥିବା ଆଇଆଇସି ଡମ୍ବରୁଧର ପ୍ରଧାନ କହିଛନ୍ତି। କେସ୍‌ନଂ. ୩୪୬/୨୩।

## ପାତ୍ରପୁଟ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ତେନ୍ତୁଲିଖୁଣ୍ଟି,୭।୨ (ଚିଦାନନ୍ଦ ସାହୁ)

ତେନ୍ତୁଲିଖୁଣ୍ଟି ବ୍ଲକ ଅନ୍ତର୍ଗତ ପାତ୍ରପୁଟ ସରକାରୀ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତେନ୍ତୁଲିଖୁଣ୍ଟି ବ୍ଲକ ଜୋନ୍ ୧ ଜିଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ,ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ତେନ୍ତୁଲିଖୁଣ୍ଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ମଧୁସୂଦନ ବାଘ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ମାଝି, ଉପଦେଷ୍ଟା ପୀତାମ୍ବର ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନେ ପାରମ୍ପରିକ ନୃତ୍ୟ ଢେମସାର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନ ଶିକ୍ଷକ ବ୍ରଜବଲ୍ଲଭ ବ୍ରହ୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ମନୋରଞ୍ଜନ ପାଇଁ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାଜ୍ୟପାଳଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ବଳଭଦ୍ର

ଚନ୍ଦାହାଣ୍ଡି ୭।୨(ଦିଲୀପ ଦାସ)



ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ପ୍ରବକ୍ତା ବଳଭଦ୍ର ମାଝୀ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଶିକ୍ଷକ ଏବଂ ୩ ଓ ୪ ଶ୍ରେଣୀ ପଦବୀରେ ଜିଲାସ୍ତରୀୟ ନିଯୁକ୍ତି, ପେସା ଆଇନ ଲାଗୁ, ଜନଜାତି ତାଲିକାରେ ବହୁ ସମ୍ପ୍ରଦାୟକୁ ସାମିଲ କରିବା, ମହାନଦୀ ଟ୍ରିବ୍ୟୁନାଲ,ତେଲ ଜଳସେଚନ ପ୍ରକଳ୍ପ ଏବଂ ମଧ୍ୟମ କୋଲାବ ପ୍ରକଳ୍ପ, ଜିଲାରେ ଡାକ୍ତର ଅଭାବ ବିଷୟରେ ଅବଗତ କରିଛନ୍ତି। ନବରଙ୍ଗପୁର ଓ ମାଲକାନଗିରି ରେଳ ପଥ ନିର୍ମାଣ, ଉମରକୋଟରେ ଇଥାନଲ ପ୍ଲାଣ୍ଟ, ଉମରକୋଟକୁ ସବଡିଭିଜନ ମାନ୍ୟତା, ରକ୍ତ ଭଣ୍ଡାର, ନବରଙ୍ଗପୁର ଓ ମାଲକାନଗିରିରେ ମେଡିକାଲ କଲେଜ ଓ ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ସୁପରସ୍ପେସାଲିଷ୍ଟ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି ।

# ମାଁ କଙ୍କାଲୁଣୀ ଠାକୁରାଣୀଙ୍କ ପୌଷ ମଣ୍ଡେଇ

ଡାବୁଗାଁ, ୭।୨ (ପ୍ରଜ୍ଞାରଞ୍ଜନ ପରିଡା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚିକିଲି ଗ୍ରାମରେ ମାଁ କଙ୍କାଲୁଣୀ ଠାକୁରାଣୀଙ୍କ ପୌଷ ମଣ୍ଡେଇ ଉତ୍ସବ ମଙ୍ଗଳବାର ପାଳିତ ହୋଇଛି । ଏଥିରେ ଆଖପାଖ ୨୦ଟି ଗ୍ରାମରୁ ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଛି ସାମିଲ ହୋଇଥିଲା। ଏସବୁ ମା କଙ୍କାଲୁଣୀ ଠାକୁରାଣୀଙ୍କ ମନ୍ଦିର ନିକଟରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ହୋଇ ମନ୍ଦିର ପାର୍ଶ୍ୱରେ ବସୁଥିବା ବଜାରରୁ ସମସ୍ତ ଲାଠି, କୁର୍ଛି, ଶିରା, ଦିଶାରି ନଗର ପରିକ୍ରମା କରିଥିଲେ। ମୁଖ୍ୟ ପୂଜାରୀ ତୁଳାରାମ ପୂଜାରୀ, ବୁଦନ ପୂଜାରୀ ଘନେ ମାଝୀ, ବଦର ମାଝୀ, ଚିତ୍ରସେନ ଗୌଡ, ବୈଶାଖୁ ଭତ୍ରା, ସ୍ୱାଧୀନ ପଟ୍ଟନାୟକ, ଈଶର ଗାଣ୍ଡା, କୃଷ୍ଣ ହରିଜନ ପ୍ରମୁଖ ଉତ୍ସବ ପରିଚାଳନା ହୋଇଥିଲା।



ମାଁ କଙ୍କାଲୁଣୀ ଠାକୁରାଣୀଙ୍କ ଯାତ୍ରାରେ ଶ୍ରଦ୍ଧାଳୁ ।

ରାତିରେ ଚୁଟିଗୁଡା ଗ୍ରାମର ଭୁବନ ବାଘ ଗୁରୁଙ୍କ ସମାଜିକ ନାଟକ 'ଭାଗ୍ୟ ମୋ କହୁଛି ଜୀବନ ଗପ' ଓ ଦେଓଭୋଗ ନିକଟସ୍ଥ ବରକାନି ଗ୍ରାମର ଗୁରୁ ରୋହିତ ନାଗେଶଙ୍କ ନାଟକ 'ଧନ ପାଖେ ମନ ବନ୍ଧା ପଡିଛି' ମା ଭଣ୍ଡାରୁଣୀ ନାଟ୍ୟ କଳା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପ୍ରକାଶ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ବିଧାୟକ ପ୍ରତିନିଧି ଏମ.ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସମସ୍ତ ଲାଠି, କୁର୍ଛି, ପୂଜାରୀ, ଶିରା ଯିଏ ଯାହା ଆଣି ଆସିଥିଲେ ସବୁ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିବା ଜଣାପଡିଛି।

## ରାଷ୍ଟ୍ର ଜାଗରଣ ସହ ଗାୟତ୍ରୀ ମହାଯଜ୍ଞ ଶେଷ

ଚନ୍ଦାହାଣ୍ଡି,୭।୨( ଦିଲୀପ ଦାସ)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପ୍ରତିନିଧି ତଥା ହରିଦ୍ୱାର ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ଼. ଚିନ୍ମୟ ପଣ୍ଡିୟାଙ୍କ ଦ୍ୱାରା ନିର୍ମିତ ଗାୟତ୍ରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି । ଏହି ଅବସରରେ ଚନ୍ଦାହାଣ୍ଡି ବ୍ଲକରେ ରାଷ୍ଟ୍ର ଜାଗରଣ ଓ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶେଷ ହୋଇଛି। ଗାୟତ୍ରୀ ମହାଯଜ୍ଞରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝୀ, ଇଂ. ବଳଭଦ୍ର ମାଝୀ, ପ୍ରମୋଦ ପାଢ଼ୀଙ୍କ ସମେତ ବହୁ ଜନପ୍ରତିନିଧି, ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ । ଯଜ୍ଞ ପୂର୍ଣ୍ଣାହୁତିବେଳେ ହରିଦ୍ୱାରର ଟୋଲି ନାୟକ, ରାଜ କୁମାର ଭୃଗ, ବନୱାରିଲାଲ ସେନ, ଖୁଦିରାମ କୋଶରିଆ, ହୁକୁମ ଚାନ୍ଦ, ପ୍ରଶାନ୍ତ ଯାଦବ ଏବଂ ଓଡିଶା ପ୍ରଦେଶ ଜୋନ ପ୍ରଭାରୀ ଶେଷଦେବ ବଢ଼େଇ ଉପସ୍ଥିତ ଥିଲେ । ଯଜ୍ଞରେ କଳାହାଣ୍ଡି, ନୂଆପଡା, କୋରାପୁଟ, ରାୟଗଡା, ଛତିଶଗଡରୁ ଗାୟତ୍ରୀ ପରିଜନମାନେ ଉପସ୍ଥିତ ଥିଲେ ।

# ସହରାଞ୍ଚଳ ବିକାଶକୁ ନେଇ ସଚେତନତା ଶିବିର



ଉମରକୋଟ,୭।୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପକ୍ଷରୁ ୱାର୍ଡ ନମ୍ବର ୫ସ୍ଥିତ ମା' ପେଣ୍ଡ୍ରାଣୀ କଲ୍ୟାଣ ମଣ୍ଡପଠାରେ ସହରାଞ୍ଚଳର ବିକାଶକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷା ରାଧା ଭତ୍ରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, କାଉନସିଲର ମନୋଜ ନାୟକ,ନିଲମ ହରିଜନ, ସଞ୍ଜୟ ସରକାର,ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଚିରଞ୍ଜୀବ ମାହାଲି, ପୌର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର,ଗୋଷ୍ଠୀ ସଙ୍ଗଠିକା ଦୀପ୍ତିମୟୀ ମହାନ୍ତି ଯୋଗଦେଇଥିଲେ। ପୌର ପରିଷଦର ସହର ମିଶନ ପରିଚାଳକ ଅଭିଷେକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ସରକାର ସହାରାଞ୍ଚଳର ବିକାଶ ପାଇଁ ଅହରହ ଚେଷ୍ଟା ଯୋଗୁ ସହରର ବିକାଶ ହୋଇପାରିଛି ବୋଲି ଉପାଧ୍ୟକ୍ଷ ସୁଧାଂଶୁ ଦାସ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜୟଶ୍ରୀ ସ୍ୱୟଂ ସହାୟିକା ଗୋଷ୍ଠୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ,କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗର ଷ୍ଟଲ ତିଆରି କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସହରାଞ୍ଚଳର ବିକାଶ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪,୫,୬ ନମ୍ବର ୱାର୍ଡର ମହିଳାମାନେ ଯୋଗଦେଇଥିବା ବେଳେ ପୌର ପରିଷଦର ସମସ୍ତ କର୍ମଚାରୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମିଶନ ଶକ୍ତି ଗୋଷ୍ଠୀଙ୍କୁ ନେଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଉମରକୋଟ, ୭।୨ (ସନ୍ତୋଷ ଶତପଥୀ)

ଉମରକୋଟ ପୌର ପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟଙ୍କ ଦକ୍ଷତା ବୃଦ୍ଧି ନେଇ ୧୪ ନମ୍ବର ୱାର୍ଡରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ପୌର ପରିଷଦର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ଦିଆଯିବ। ଏଥିରେ ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷା ରାଧା ଭତ୍ରା, ପୌର ସହକାରୀ ଯନ୍ତ୍ରୀ ମନୋଜ ପାତ୍ର ଏବଂ ମୁକ୍ତା ଟିମ ପକ୍ଷରୁ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।ତାଲିମ କାର୍ଯ୍ୟକ୍ରମରେ ୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬୦ରୁ ଉର୍ଦ୍ଧ୍ୱ ସଦସ୍ୟା ଓ ମାଷ୍ଟର ଟ୍ରେନର ଗୀତାଞ୍ଜଳି ନନ୍ଦ, ଲୋପମୁଦ୍ରା ପାତ୍ର ଅଂଶ ଗ୍ରହଣ କରିଥିଲେ। ଯୁଗ୍ମ ଶାସନ ସଚିବ ସାରଦା ପ୍ରସାଦ ପଣ୍ଡା, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭିଡିଓ କନଫେରେନ୍ସ ମାଧ୍ୟମରେ ମାଷ୍ଟର ଟ୍ରେନରଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁକ୍ତାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନଟକରଣ ପ୍ରକ୍ରିୟା, ୱାର୍କ ଅର୍ଡର ଏବଂ ପ୍ରଦାନ କରାଯାଉଥିବା ଡକ୍ୟୁମେଣ୍ଟ, ମାଷ୍ଟର ରୋଲ, ବ୍ୟାଙ୍କ ଋଣ,ନିର୍ମାଣ କାର୍ଯ୍ୟର ମାପ ଏବଂ ଶ୍ରମିକ ମଜୁରି ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ବିଏସ୍‌ଏଫ୍‌ର ଜନସମ୍ପର୍କ, ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି, ୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଦ୍ୱିତୀୟ ବାଟାଲିୟନ ବିଏସ୍‌ଏଫ୍ ପକ୍ଷରୁ ମାଥିଲି ବ୍ଲକ ତେନ୍ତୁଲିଗୁମ୍ମାରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେନ୍ତୁଲିଗୁମ୍ମା ସହ ମଦୁପ୍, ତିଲକନଗର, ଲୁଲେର ଓ ଦୁର୍ଗାଗୁଡ଼ାର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ସିକନ୍ଦର ସିଂଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବେଳେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କୁନାଲ ଅଙ୍କିତ, ଡାକ୍ତର ଭାର୍ଗବୀ ଦୋରା, ଡାକ୍ତର ସୋମକାନ୍ତ ପାଣିଗ୍ରାହୀଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଏଥିସହ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାତି ମଧୁ ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ଔଷଧ ଦିଆଯାଇଥିଲ। ଏଥିସହ ଗ୍ରାମବାସୀଙ୍କୁ କୃଷି, ଶିକ୍ଷା, କ୍ରୀଡ଼ା ଓ ଗୃହ ଉପକରଣ ଆଦି ବଣ୍ଟନ କରାଯାଇଥିଲ। ଏହି ଅବସରରେ କମାଣ୍ଡାଣ୍ଟ ସିଂ କହିଛନ୍ତି, ଗ୍ରାମଗୁଡିକରେ ବାସ କରୁଥିବା ଏହି ଲୋକଙ୍କ ସହ ମିଳିମିଶି କାମ କରିବା ଏବଂ ଆମ ସହ ସମ୍ପର୍କ ରଖିଲେ ସେମାନଙ୍କର ଉନ୍ନତି ଘଟିବ। ଆମ ସୁରକ୍ଷା କର୍ମୀଙ୍କ ପକ୍ଷରୁ ସୁରକ୍ଷା ପ୍ରଦାନ ସହ କାର୍ଯ୍ୟ କରିବାରେ ସହଜ ହେବ। ଏଥିସହ ଏହି ଗ୍ରାମଗୁଡିକର ଉନ୍ନତି ନିମନ୍ତେ ଉଭୟଙ୍କ ସାହାଯ୍ୟ ଓ ସହଯୋଗର ଆବଶ୍ୟକତା ଥିବା ବେଳେ ଏପରି ଜନସମ୍ପର୍କ ଶିବିର କଲେ ବିଏସ୍‌ଏଫ୍ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ବୃଦ୍ଧି ପାଇବ। ଫଳରେ ଗ୍ରାମବାସୀଙ୍କ ମନରୁ ମାଓବାଦୀ ଭୟ ମଧ୍ୟ ଦୂରହେବ ବୋଲି ସେ କହିଥିଲେ ।



ଜନସମ୍ପର୍କ ଶିବିରରେ ପିଲାଙ୍କୁ ପାଠ୍ୟ ପୁସ୍ତକ ସହ ବ୍ୟାଗ୍ ଦିଆଯାଇଛି ।

# ୨,୩୩ ,୫୦୦ ଟଙ୍କା ଅଂଶଧନ ରାଶି ସଂଗ୍ରହ

**ମାଟା ଡଙ୍ଗରି କୃଷି ଉତ୍ପାଦନକାରୀ ସଙ୍ଗଠନର ସମ୍ମିଳନୀ**

ନବରଙ୍ଗପୁର, ୭।୨(ସଦାଶିବ ପ୍ରହରାଜ)

ମୁଖ୍ୟମନ୍ତ୍ରୀ ମକା ମିଶନକୁ ନେଇ ଓର୍‌ମାସ ପକ୍ଷରୁ ଗଠିତ ମାଟା ଡଙ୍ଗରି କୃଷି ଉତ୍ପାଦନକାରୀ ସଂଗଠନର ବାର୍ଷିକ ଅଧିବେଶନ ସ୍ଥାନୀୟ ଆର୍‌ସିଡି ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ଚାଷୀ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମକା ମିଶନର ଆଭିମୁଖ୍ୟ, ସଂଗଠନର ଦାୟିତ୍ୱ ଓ ଏହା କିଭଳି ପରିଚାଳିତ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କେସିସି ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କହିଥିଲେ, ଚାଷୀଙ୍କ ହିତ ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାର ସଫଳ ରୂପାୟନ କରିବା ପାଇଁ କୃଷି ଉତ୍ପାଦନକାରୀ ସଂଗଠନ ଗଠନ କରାଯାଇଛି । ଏଥିରେ ବିଶେଷଭାବେ





ଜିଲାପାଳ ଓ ଅନ୍ୟ ଅତିଥିମାନେ ଅଂଶଧନକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

ମହିଳାମାନେ ବ୍ୟବସାୟ କରି କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। କୃଷି ଋଣ ସମେତ ଅବର୍ତ୍ତନ ପାଣ୍ଠି ମଧ୍ୟ ପ୍ରଦାନ କରାଯାଉଛି। ଏହାକୁ ସଦୁପଯୋଗ କରି ଆର୍ଥିକ କ୍ଷେତ୍ରରେ ସଂଗଠନଗୁଡ଼ିକ ଦୃଢ଼ୀଭୂତ ହେବାକୁ ସେ ପରାମର୍ଶ ଦେଇଥିଲେ । ଓର୍‌ମାସ ଡେପୁଟି ସିଇଓ ଏ. ଉମା ମହେଶ କହିଥିଲେ, କୃଷି ଉତ୍ପାଦନକାରୀ ସଂଗଠନଙ୍କୁ ତାଲିମ ଦିଆଯିବା ସହ ମକା କିଣିବା ପରେ ଏହାର ବିକ୍ରି ସମେତ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି । ଏଗ୍ରିମୋଲ ପକ୍ଷରୁ ବିହନ, ସାର, କୀଟନାଶକ ଆଦି ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ଟି.ଫାର୍ମର ସିଇଓ ସ୍ୱାଧୀନ ନାୟକ, ଓବିସି ଫଡ଼ିସିସିର ରାମକୃଷ୍ଣ ବିଶୋଇ, ଭୀମ ହରିଜନ, କେସିସି ବ୍ୟାଙ୍କ ମ୍ୟାନେଜର ଶଙ୍କର ପ୍ରସାଦ ରଥ, ନବରଙ୍ଗପୁର ଲ୍ୟାମ୍ପ ଏମ୍‌ଡି ପ୍ରଦୀପ କୁମାର ରଥ ପ୍ରମୁଖ ମଞ୍ଚାସୀନ ଥିଲେ ।

ଓର୍‌ମାସ ସୌଜନ୍ୟରେ ମୁଖ୍ୟମନ୍ତ୍ରୀ ମକା ମିଶନ କାର୍ଯ୍ୟକ୍ରମର ଅଂଶ ବିଶେଷ ମାଟା ଡଙ୍ଗରି କୃଷି ଉତ୍ପାଦନକାରୀ ସଂଗଠନର ବାର୍ଷିକ ଅଧିବେଶନ ବୈଠକରେ ଅଂଶଧନକାରୀ ହେଲେ ଲାଭ କ'ଣ ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଥିଲା। ବୈଠକରେ ୭୭୫ ଜଣ ସଭ୍ୟଙ୍କଠାରୁ ଅଂଶଧନ ରାଶି ଦାଖଲ କରିଥିଲେ। ୨ ଲକ୍ଷ ୩୩ ହଜାର ୫ ଟଙ୍କା ସଂଗୃହୀତ ହୋଇଥିଲା। କୃଷି ଉତ୍ପାଦନକାରୀ ସଂଗଠନ ପକ୍ଷରୁ ଏହି ଅବସରରେ ଓର୍‌ମାସ ପକ୍ଷରୁ ଯୋଗାଇ ଦେଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। କେସିସି ବ୍ୟାଙ୍କ ତରଫରୁ ଅଂଶଧନକାରୀ ଇନ୍ଦୁରାଣୀ ଦୋରା, ଭଗବତୀ ଭତରା ଓ ହେମଲତା ଭତ୍ରାଙ୍କୁ ବିନା ସୁଧରେ ୨୦ ହଜାର ଟଙ୍କା ଲେଖାଏ ଋଣ ଚେକ୍ ପ୍ରଦାନ ସହ ଶେୟାର ହୋଲ୍ଡର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସମ୍ମିଳିତ ନିଷ୍ପତ୍ତି ଓ ଫଳପ୍ରସୂ କାର୍ଯ୍ୟକ୍ରମ ପ୍ରସ୍ତୁତି ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୧୪୦୦ ମହିଳା ଉପସ୍ଥିତ ଥିଲେ । ଟି.ଫର୍ମା ସଂଯୋଜକ ତ୍ରିଲୋଚନ ବେହେରା, ସଂଯୋଜକ ସତ୍ୟମହଂ ସାହୁ, ଏଫ୍‌ପିଓ ମ୍ୟାନେଜର ସିଦ୍ଧାନ୍ତ ସୁମାନ ଦାଶ, ଯୁଗଳ କିଶର ପ୍ରମୁଖ ଉପସ୍ଥିତ ଥିଲେ ।

